**ରକ୍ଷଣାବେକ୍ଷଣ ଅଭାବ**

# କେନ୍ଦ୍ରାପଡ଼ାରେ ସ୍ୱପ୍ନ ପାଲଟିଲା ସୌରଚାଳିତ ଶୀତଳଭଣ୍ଡାର

- **୮୦ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର ଖତ ଖାଉଛି**
- **ଋଣ ଭାରରେ ବୁଡ଼ିଛନ୍ତି ମହିଳା, ପାଣିରେ ପଡ଼ିଲା କୋଟି କୋଟି ଟଙ୍କା**

କେନ୍ଦ୍ରାପଡ଼ା,୭।୧୨(ସମିସ): ଚାଷୀଙ୍କ ଦୁଃଖ ଲାଘବ କରିବା ଓ ଦୀର୍ଘଦିନ ପାଇଁ ପନିପରିବାକୁ ସଂରକ୍ଷିତ ରଖିବା ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ବ୍ଲକ୍‌ରେ ୮ଟି ସୌରଚାଳିତ ଶୀତଳଭଣ୍ଡାର ନିର୍ମାଣ କରାଯାଇଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏସବୁ ଶୀତଳଭଣ୍ଡାର ଖତ ଖାଉଛି। ଏନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏହାର ମରାମତି କରାଯାଇ ପୁନଃକାର୍ଯ୍ୟକ୍ଷମ କରାଯିବାକୁ ଦାବି ହେଉଛି।

ଚାଷୀପ୍ରବଣ କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘଦିନରୁ ଶୀତଳଭଣ୍ଡାର ପାଇଁ ଦାବିକୁ ପୂର୍ବ ସରକାର ଗୁରୁତ୍ୱ ଦେଇ ୨୦୨୧-୨୨ରେ ଏହି ୮ଟି ସୌରଚାଳିତ ଶୀତଳଭଣ୍ଡାର ନିର୍ମାଣ କରିଥିଲେ। କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଚନ୍ଦନପୁର, ଭରତପୁର ପଞ୍ଚାୟତ ପରିସରରେ ମହିଳା ଗୋଷ୍ଠୀଙ୍କ ଦ୍ୱାରା ଗୋଟିଏ ଗୋଟିଏ ଶୀତଳଭଣ୍ଡାର ୨୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା। ଗୋଟିଏ ଗୋଟିଏ ଶୀତଳଭଣ୍ଡାର ୧୦ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ରହିଥିଲା। ନଦୀକୂଳିଆ ବିଭିନ୍ନ ପଞ୍ଚାୟତର ଚାଷୀ ବର୍ଷଯାକ ବାଇଗଣ, ଆଳୁ, ପିଆଜ, କୋବି, ଝୁଡଙ୍ଗ ଆଦି ଫସଲ ଉତ୍ପାଦନ କରୁଥିବାବେଳେ ଏଗୁଡିକ ଅଭାବୀ ବିକ୍ରି ଯୋଗୁଁ ପଚିସଡ଼ି ଯାଇଥାଏ। ଏହି ଶୀତଳଭଣ୍ଡାର ଯୋଗୁ ଏହି ପନିପରିବା ସଂରକ୍ଷିତ ହୋଇପାରିବ ବୋଲି ଆଶା ରଖାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଏହି ଶୀତଳଭଣ୍ଡାର ପ୍ରତିଷ୍ଠା କରାଇ ଉଦ୍ୟୋଗ ଗୋଷ୍ଠୀରେ ପରିଣତ କରାଯିବାକୁ ପ୍ରୟାସ ହୋଇଥିଲା। ଚାଷୀ ଏଠାରେ ପନିପରିବା ରଖିବା ପରେ ଏହାର ବିକ୍ରି ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ପନିପରିବା ଉଚିତ ମୂଲ୍ୟରେ ବିକ୍ରି ପାଇଁ ଜିଲ୍ଲା ପ୍ରଶାସନ ରିଲାଏନ୍ସ ଫ୍ରେଶ ସହ ଟାଏ ଅପ କରିବାକୁ ନିର୍ଦ୍ଦେଶ ରହିଥିଲା।

ଏଥିସହ ଜମଧରରେ ଏକ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏକ ବୃହତ ଶୀତଳଭଣ୍ଡାର ମଧ୍ୟ ସଠିକ କାର୍ଯ୍ୟ କରୁନି। ବିନା ବିଦ୍ୟୁତରେ ସୌରଶକ୍ତି (ସୋଲାର ସିଷ୍ଟମ) ଦ୍ୱାରା ପରିଚାଳିତ ଏହି ୧୦ ମେଟ୍ରିକ ଟନ ବିଶିଷ୍ଟ ଶୀତଳଭଣ୍ଡାର ଚାଷୀଙ୍କ ଆବଶ୍ୟକତାକୁ ପୂରଣ କରିବ ବୋଲି ଆଶାବ୍ୟକ୍ତ କରାଯାଇଥିଲା। ଏହି ଶୀତଳଭଣ୍ଡାର ନିର୍ମାଣ ହେବା ଦ୍ୱାରା ମହିଳାମାନେ ଚାଷୀଙ୍କ ପନିପରିବା ସଂରକ୍ଷିତ କରି ରୋଜଗାର କରିବାର ବ୍ୟବସ୍ଥା ମଧ୍ୟ ହୋଇଥିଲା। ଏଥିରେ ଗୋଟିଏ ପଟେ ଚାଷୀ ସେମାନଙ୍କ ପନିପରିବା ଅଧିକ ମୂଲ୍ୟରେ ବିକ୍ରି କରିପାରିବେ, ଅନ୍ୟପଟେ ସ୍ୱୟଂସହାୟକ ଗୋଷ୍ଠୀ ମଧ୍ୟ ରୋଜଗାର



ପାଇବେ। ହେଲେ ଯେଉଁ ଉଦ୍ଦେଶ୍ୟ ରଖାଯାଇ ଏସବୁ ଶୀତଳଭଣ୍ଡାର ନିର୍ମାଣ କରାଯାଇଥିଲା। ସେଗୁଡିକ ଆଜି ଅକାମୀ ହୋଇପଡ଼ିରହିଛି। କୋଟି କୋଟି ଟଙ୍କାରେ ନିର୍ମିତ ଏସବୁ ଶୀତଳଭଣ୍ଡାର ପରିଚାଳନାଗତ ତ୍ରୁଟି ଯୋଗୁ ଆଜି ନଷ୍ଟ ହେବାକୁ ବସିଛି। ଏହି ପ୍ରକଳ୍ପଗୁଡ଼ିକ ପ୍ରହସନରେ ପରିଣତ ହୋଇଛି ବୋଲି ସ୍ଥାନୀୟ ବାସିନ୍ଦା ମତବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ଚାଷୀଙ୍କୁ ପନିପରିବା ସୁରକ୍ଷିତ ରଖିବା ଚିନ୍ତା ଘାରିଛି। ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଯେଉଁମାନେ ପ୍ରକଳ୍ପ ଚଳାଇବା ଦାୟିତ୍ୱ ପାଇଥିଲେ ସେମାନଙ୍କୁ ହତାଶ କରାଯାଇଛି। ସ୍ଥାନୀୟ କୃଷକଙ୍କୁ ଶୀତଳଭଣ୍ଡାର ସୁବିଧା ଯୋଗାଇ ଦେବା ପାଇଁ ସେମାନେ ରୋଜଗାର ପାଇବା ଆଶାରେ ମହିଳା ଗ୍ରୁପର ସଦସ୍ୟା କିଛି କିଛି ଟଙ୍କା ଋଣ କରିଥିଲେ। ଶୀତଳଭଣ୍ଡାର ଖରାପ ହେବା ପରେ ଏସଏଚଜି ସଦସ୍ୟା ନିରାଶ ହୋଇଯାଇଛନ୍ତି। ସୋଲାର କୋଲ୍ଡ ଷ୍ଟୋର କାମ କରୁ ନ ଥିବାରୁ ଆମେ ସ୍ଥାନୀୟ କୃଷକଙ୍କୁ ଷ୍ଟୋରେଜ୍ ସୁବିଧା ଯୋଗାଇବାରେ ସକ୍ଷମ ହୋଇ ନ ଥିବାରୁ ଆମେ କ୍ଷତି ସହିଛୁ ବୋଲି ଜଣେ ଏସଏଚଜି ସଦସ୍ୟା କହିଛନ୍ତି। ଜିଲ୍ଲାରେ ୨୦ ହଜାରରୁ ଅଧିକ ଚାଷୀ ଆଳୁଚାଷ କରନ୍ତି। ଆଳୁ ବ୍ୟତୀତ ବିଭିନ୍ନ ବ୍ଲକରେ ଅନ୍ୟାନ୍ୟ ପନିପରିବା ମଧ୍ୟ ଚାଷ କରାଯାଏ। ଚାଷୀଙ୍କ ଉତ୍ପାଦ ସଂରକ୍ଷଣ ପାଇଁ ସେମାନଙ୍କ ପାଖରେ କୌଣସି ସୁବିଧା ନ ଥିବାରୁ ଆଗକୁ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ଯାଉଛନ୍ତି। ସଠିକ୍ ରକ୍ଷଣାବେକ୍ଷଣ ଅଭାବରୁ ସୋଲାର କୋଲ୍ଡ ଷ୍ଟୋର ପ୍ରକଳ୍ପଗୁଡ଼ିକ ଅଚଳ ହୋଇପଡିଛି ବୋଲି ମତ ପ୍ରକାଶ ପାଇଛି।

## ଦୁର୍ଘଟଣାରେ ସମାଜସେବୀଙ୍କ ମୃତ୍ୟୁ

ପଟ୍ଟାମୁଣ୍ଡାଇ, ୭।୧୨(ସମିସ): ପଟ୍ଟାମୁଣ୍ଡାଇ ପୌର ପରିଷଦ ୧୧ନଂ ୱାର୍ଡ ମୁସଲମାନ ବସ୍ତିର ସମାଜସେବୀ ତଥା ସଂଖ୍ୟାଲଘୁ ନେତା ସେକ ତଇତୁଲ୍ଲାଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କୁ ୬୦ ବର୍ଷ ବୟସ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଭାବେ ସାଧାରଣରେ ପରିଚିତ ଥିଲେ। ଜଣେ ଉଦୀୟମାନ କ୍ରୀଡ଼ାବିତ ଭାବେ ସମଗ୍ର ଜିଲ୍ଲାରେ ସୁନାମ ଅର୍ଜନ କରିଥିଲେ। ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରାଯାଇ ମୁସଲମାନବସ୍ତିକୁ ନିଆଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ଥାନୀୟ ଇଦ ଗାହା ପଡିଆରେ ଆୟୋଜିତ ଶେଷ ପ୍ରାର୍ଥନା ସଭାରେ ସେକ ମୋଇଉଦ୍ଦିନ, ସେକ ଅବଦୁଲ ବାରୀ, ସେକ ସରାତୁଲ୍ଲା, ସେକ ଇସ୍ମାଇଲ ପ୍ରମୁଖ ସାମିଲ ହୋଇଥିଲେ। ତାଙ୍କ ଅକାଳ ବିୟୋଗରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ୍ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, କାଉନସିଲର ସାନିଆ ପରବିନ, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ସଂଖ୍ୟାଲଘୁ ସଂଗଠକ ଏମଡି ପପୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ତାରାମଣି ଦେବୀଙ୍କ ୫୭ତମ ଶ୍ରାଦ୍ଧବାର୍ଷିକୀ



ରାଜକନିକା,୭।୧୨(ସମିସ): ରାଜକନିକା ବ୍ଲକ୍ କାଟଣାର ତାରାମଣି କପିଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ଆଜି ପ୍ରତିଷ୍ଠାତା ତାରାମଣି ଦେବୀଙ୍କ ୫୭ତମ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି। ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ସ୍ମୃତିଚାରଣ ସଭା କରାଯାଇ ବିଦ୍ୟାଳୟର ସମସ୍ତ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷାକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦନ କୁମାର ଦାସଙ୍କ ସଂଯୋଜନା ଓ ଶିକ୍ଷକ ମୁରଲୀଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ନାୟକ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ସାମଲ, ବ୍ରଜସୁନ୍ଦର ନାୟକ, ମଧୁସୂଦନ ମିଶ୍ର, ହରିହର ମିଶ୍ର, ରାମଚନ୍ଦ୍ର ସାହୁ, ଗଦାଧର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏ ଅବସରରେ ଯଶୋବନ୍ତ ପଲାଇ ଓ ଶତ୍ରୁଘ୍ନ ସୂତାରଙ୍କ ସମେତ ମଦରଙ୍ଗାପାଟ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନସ୍ଥ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅନେକ ଆଲୁମିନୀ ମେମ୍ବର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନାରାୟଣ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସିଆରସିସି ମହେନ୍ଦ୍ର ମାହୁନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ପରିଚାଳନା କମିଟି, ଆଲୁମିନ କମିଟିର ସମସ୍ତ ସଦସ୍ୟ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ଆଳି,୭।୧୨(ସମିସ): ବରୁଣାଡିହା ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ନାୟକଙ୍କର ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ତାଙ୍କର ଆକସ୍ମିକ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶୁକ୍ରବାର ସନ୍ଧ୍ୟାରେ ସେ ଘରୁ ଆଳି ନୂଆବଜାରକୁ କୌଣସି କାମରେ ଯାଉଥିବାବେଳେ ଆଳି ହାଇସ୍କୁଲ ଗେଟ୍ ସମ୍ମୁଖରେ ହଠାତ ଅସୁସ୍ଥ ହୋଇପଡିଥିଲେ। ନିକଟସ୍ଥ ଦୋକାନୀ ତାଙ୍କୁ ଆଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଳି ନିର୍ବାଚନମଣ୍ଡଳୀ କଂଗ୍ରେସ ନେତ୍ରୀ ଡାକ୍ତର ଦେବସ୍ମିତା ଶର୍ମା ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ନରେନ୍ଦ୍ରଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ନରେନ୍ଦ୍ର ଦୀର୍ଘଦିନ ଧରି ବରୁଣାଡିହା ହାଇସ୍କୁଲର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେବା ପରେ ନିଆଳ ଗାଁରେ ଅବସ୍ଥାନ କରୁଥିଲେ।

## ମହିଳାଙ୍କୁ ଆକ୍ରମଣ କରି ଲୁଟ୍

କେନ୍ଦ୍ରାପଡ଼ା, ୭।୧୨(ସମିସ): ଘରେ ଏକୁଟିଆର ଥିବା ସୁଯୋଗ ନେଇ ଜଣେ ମହିଳାଙ୍କୁ ଆକ୍ରମଣ କରି ଲୁଟ୍ ହୋଇଛି। ଏଭଳି ଏକ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ସଦର ଥାନା ଗୁହାଳସିଂ ଅଞ୍ଚଳରେ ଘଟିଛି। ଦୁଇଜଣ ଦୁର୍ବୃତ୍ତ ଘରେ ପଶି ମହିଳାଙ୍କଠୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ସ୍ୱର୍ଗତ କିଶୋର ଚନ୍ଦ୍ର ସାହୁଙ୍କ ସ୍ତ୍ରୀ ଶୈଳବାଳା ସାହୁ ଏକୁଟିଆ ଘରେ ଥିଲେ। ସନ୍ଧ୍ୟା ୬ଟା ସମୟରେ ଦୁଇଜଣ ଅଚିହ୍ନା ଯୁବକ ମହିଳାଙ୍କ କବାଟ ବାଡ଼ାଇ ମାଉସୀ ମାଉସୀ ଡାକିଥିଲେ। ମହିଳା ଜଣକ ଶୁଣିବା ମାତ୍ରେ ଘରର ମୁଖ୍ୟ କବାଟ ଖୋଲିଦେଇଥିଲେ। କବାଟ ଖୋଲିବା ମାତ୍ରେ ଦୁଇ ଯୁବକ ମହିଳାଙ୍କ ବେକରେ ଭୁଜାଲି ଲଗାଇ ପିନ୍ଧିଥିବା ବିଭିନ୍ନ ସୁନା ଅଳଙ୍କାର କାନଫୁଲ, ଦୁଇଟି ମୁଦି, ଚେନ୍, ସୁନା ବାଲ୍‌ହା ଯାହାକି ୨୮ ଗ୍ରାମ ହେବା ସହିତ ଘର ମଧ୍ୟରେ ଥିବା ଆଲମାରିରୁ ନଗଦ ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ଶୈଳବାଳା ସଦର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି।

**ରାଧାକାନ୍ତଜୀଉ ଉଚ୍ଚପ୍ରାଥମିକ ବିଦ୍ୟାଳୟ**

## ନାହାନ୍ତି ଶିକ୍ଷକ; ଚିନ୍ତାରେ ଅଭିଭାବକ



ପଞ୍ଚୁପାଣ୍ଡବ, ୭।୧୨(ସମିସ): ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଅନୁଦାନପ୍ରାପ୍ତ ନୋଳସାହି ରାଧାକାନ୍ତଜୀଉ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ନାହାନ୍ତି ଶିକ୍ଷକ। ଏହି ଅନୁଦାନପ୍ରାପ୍ତ ବିଦ୍ୟାଳୟଟି ପ୍ରାୟ ୩୫ ବର୍ଷ ହେବ ସ୍ଥାପିତ ହୋଇଛି। ପ୍ରଥମେ ଏହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ପ୍ରଶାନ୍ତ କୁମାର ମଲ୍ଲିକ ଦାୟିତ୍ୱ ନିର୍ବାହ କରିଥିବାବେଳେ ତାଙ୍କର ୫ ବର୍ଷ ହେବ ତାଙ୍କର ଅବସରକାଳୀନ ବିଦାୟ ନେଇଛନ୍ତି। ବିଦ୍ୟାଳୟରେ ଆଉଜଣେ ଶିକ୍ଷକ ରମେଶ ଚନ୍ଦ୍ର ସାମଲ ପ୍ରାୟ ୩୩ ବର୍ଷ ଧରି ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିବାବେଳେ ସେ କିଛି ଦିନ ହେଲା ଅବସର ନେଇଛନ୍ତି। ଏହି ବିଦ୍ୟାଳୟରେ ଷଷ୍ଠରୁ ସପ୍ତମ ପର୍ଯ୍ୟନ୍ତ ୨୧ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। କିନ୍ତୁ ଯେଉଁ ବିଦ୍ୟାଳୟରେ ପାଠପଢା ଯାଉଛି, ସେହି ଗୃହଟି ନିକଟରେ ଥିବା ନୋଳସାହି ପ୍ରାଥମିକ ବିଦ୍ୟାଳୟର ବୋଲି ଜଣାପଡ଼ିଛି। ଏହି ରାଧାକାନ୍ତଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦାୟିତ୍ୱ ନେଇଥିବା ନୋଳସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷିକେଶ ମହାରଣାଙ୍କୁ ଏବାବଦରେ ପଚାରିବାରୁ ସେ କହିଛନ୍ତି, ରାଧାକାନ୍ତଜୀଉ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅବସର ନେଇଥିବାବେଳେ ମୋତେ ଆମ ଶିକ୍ଷା ବିଭାଗର ଅଧିକାରୀଙ୍କ ପକ୍ଷରୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି ଓ ମୁଁ ମଧ୍ୟ ତାହାର ଦାୟିତ୍ୱ ତୁଲାଉଛି। ସରକାରଙ୍କ ଖାମଖିଆଲି ନୀତି ଓ ପ୍ରଶାସନର ଅବହେଳା ଯୋଗୁଁ ଏହି ବିଦ୍ୟାଳୟର ଅବସ୍ଥା ଗୁରୁତର ଥିବାବେଳେ ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି। ଏହାର ତଦନ୍ତ କରାଯାଇ ବିଦ୍ୟାଳୟ ପାଇଁ ଶ୍ରେଣୀ ଗୃହ ଓ ଶିକ୍ଷକ ବ୍ୟବସ୍ଥା କରା ନ ଗଲେ ଏହି ଅନୁଦାନପ୍ରାପ୍ତ ବିଦ୍ୟାଳୟଟି ବୁଡିଯାଇପାରେ ବୋଲି ମନେ ହେଉଛି। ଯେତେ ଶୀଘ୍ର ଏହି ବିଦ୍ୟାଳୟର ସମସ୍ୟାର ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସ୍ମରଣୋତ୍ସବ



ଡେରାବିଶ, ୭।୧୨(ସମିସ): ଡେରାବିଶ ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀଧରପୁରସ୍ଥ ବଟମହାପୁରୁଷ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠାତା ପୁଣ୍ୟଶ୍ଲୋକ କିଶୋର ଚନ୍ଦ୍ର ମହାନ୍ତିଙ୍କ ଅଷ୍ଟମ ବାର୍ଷିକ ସ୍ମରଣୋତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। କିଶୋର ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ମରଣୋତ୍ସବ ସଂସଦ ସଭାପତି ବୈକୁଣ୍ଠନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ପ୍ରବଚକ ଗୁଣନିଧି ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ସମାଜସେବୀ ନିରଞ୍ଜନ ସାହୁ, ଶିକ୍ଷା ସଂସ୍କାରକ ମନୋଜ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଶ୍ରୀକାନ୍ତ କୁମାର ପଣ୍ଡା ଓ ସମ୍ମାନିତ ବକ୍ତା ଭାବେ ଶ୍ରୀନିବାସ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଯୋଗାନନ୍ଦ ମହାନ୍ତି, ସାମ୍ବାଦିକ ଭବାନୀ ଶଙ୍କର ପଣ୍ଡା, ଶିକ୍ଷକ ଜୀବନ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ଥିବା ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତିରେ ପୂଜନ କାର୍ଯ୍ୟକ୍ରମ ଓ ମଞ୍ଚରେ ଥିବା ତୈଳଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବ ଉଦ୍‌ଘାଟନ ହେବା ପରେ ଆଦିକନ୍ଦ ଜେନା, ସୁଶ୍ରୀ ସଙ୍ଗୀତା ମହାନ୍ତି, ବର୍ଷାରାଣୀ ସାହୁ, ନିରୁପମା ସାହୁ ଓ ସୁଶ୍ରୀ ସଙ୍ଗୀତା ବାରିକ ସ୍ମୃତି ସଙ୍ଗୀତ ଗାନ କରିଥିଲେ। ସୁଧୀରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂସଦର ସମ୍ପାଦକ ତଥା ପ୍ରଧାନ ଶିକ୍ଷକ ଚୌଧୁରୀ ସରୋଜକାନ୍ତ ପ୍ରହରାଜ ସ୍ୱାଗତ ଭାଷଣ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସ୍ମୃତିଚାରଣ କରିଥିଲେ।

ଏ ଅବସରରେ ସମାଜ ସଂସ୍କାର ନିରଞ୍ଜନ ସାହୁ, ଶିକ୍ଷା ସଂସ୍କାରକ ମନୋଜ କୁମାର ପ୍ରଧାନ, ସାମ୍ବାଦିକ ଭବାନୀଶଙ୍କର ପଣ୍ଡା ଓ ଶିକ୍ଷକ ଜୀବନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଦ୍ୟାଳୟର ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ସଂସଦର ଉପସଭାପତି ଚିତ୍ତରଞ୍ଜନ ଦାସ, ସଦସ୍ୟ ମନୋରଞ୍ଜନ ନାୟକ, ନିର୍ମଳା ହୋତା, ପ୍ରଜ୍ଞାପାରମିତା ନାୟକ, ରଘୁନାଥ ଦାସ, ବ୍ରଜବନ୍ଧୁ ଦାସ, ଅନାମ ଚରଣ ଦାସ, ଅଜୟ କୁମାର ସାହୁ, ଦେବେନ୍ଦ୍ରନାଥ ଦାସ, ବିଜୟ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂସଦର ସହସମ୍ପାଦକ ଭାବଗ୍ରାହୀ କର ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟବସାୟୀଙ୍କ ପରଲୋକ

ଡେରାବିଶ, ୭।୧୨(ସମିସ): ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ବଜାରର ବ୍ୟବସାୟୀ ରଘୁନାଥ ସାହୁ (୬୫)ଙ୍କ ଆଜି ତାଙ୍କ ଚାନ୍ଦୋଳ ବାସଭବନରେ ପରଲୋକ ହୋଇଯାଇଛି। ଶ୍ରୀ ସାହୁଙ୍କ ଚାନ୍ଦୋଳ ବଜାରରେ ଏକ ଜଳଖିଆ ଦୋକାନ ରହିଛି। ସେ ସ୍ୱାଦିଷ୍ଟ ଛେନାପୋଡ଼ ପ୍ରସ୍ତୁତ କରି ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ଗତ କିଛିଦିନ ହେବ ସେ ଦୂରାରୋଗ୍ୟ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଆଜି ପୂର୍ବାହ୍ନରେ ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କ ପରଲୋକ ଖବର ପାଇ ବଜାରର ବହୁ ବ୍ୟବସାୟୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ରଞ୍ଜନ ମୁଖାଗ୍ନି ଦେଇଥିଲେ।

## ପଟ୍ଟାମୁଣ୍ଡାଇ ମହିଳା କଲେଜରେ ଇପିଏଫ୍ ଦୁର୍ନୀତି ଅଭିଯୋଗ; ତଦନ୍ତ ଆରମ୍ଭ

ପଟ୍ଟାମୁଣ୍ଡାଇ,୭।୧୨(ସମିସ): ସମ୍ପ୍ରତି ପଟ୍ଟାମୁଣ୍ଡାଇ ମହିଳା କଲେଜରେ ଇପିଏଫ ଟଙ୍କା ଦୁର୍ନୀତି ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ ବେହେରାଙ୍କ ଅଭିଯୋଗ ଆଧାରରେ ଆଜି ଏହାର ତଦନ୍ତ ଆରମ୍ଭ ହୋଇଛି। ଇପିଏଫ ଏନଫୋର୍ସମେଣ୍ଟ ଅଫିସର ଏସଏନ ବେହେରା ଆଜି ପଟ୍ଟାମୁଣ୍ଡାଇ ମହିଳା କଲେଜରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ତଦନ୍ତ ସରିଲେ ଇପିଏଫ ଟଙ୍କା ଦୁର୍ନୀତି ସମ୍ପର୍କରେ ସବିଶେଷ ତଥ୍ୟ ଦେବେ ବୋଲି ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ମହିଳା କଲେଜରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଇପିଏଫ ଟଙ୍କା ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। କଲେଜର ୨୫ ଜଣ ଅସ୍ଥାୟୀ କର୍ମଚାରୀଙ୍କ ୧୪ ବର୍ଷର ଇପିଏଫ ଟଙ୍କା ଗାଏବ ହୋଇଯାଇଥିବା କୁହାଯାଉଛି। +୨ ବିଭାଗରେ ଅସ୍ଥାୟୀ କର୍ମଚାରୀଙ୍କ କଟାଯାଉଥିବା ଇପିଏଫ ଟଙ୍କା ଆକାଉଣ୍ଟରେ ଜମା ହୋଇ ନ ଥିବା ଗୁରୁତର ଅଭିଯୋଗ ଉଠିଥିଲା। ଏହି ଟଙ୍କା କେଉଁଠି ଅଛି, ତାହା ନେଇ ସଠିକ ତଥ୍ୟ ନ ଥିବା କୁହାଯାଉଛି। ଏଠାରେ କାର୍ଯ୍ୟରତ ଅସ୍ଥାୟୀ ଅଧ୍ୟାପକ ଓ କର୍ମଚାରୀ ଇପିଏଫ ଟଙ୍କା ବାବଦରେ ଅଧ୍ୟକ୍ଷଙ୍କୁ ଜଣାଇଲେ ମଧ୍ୟ ସେମାନଙ୍କୁ ସଠିକ ଉତ୍ତର ମିଳୁ ନ ଥିବା ଅଭିଯୋଗ ଆସିଥିଲା। କିନ୍ତୁ କଲେଜ ଅଧ୍ୟକ୍ଷା କର୍ମଚାରୀଙ୍କ କଟୁଥିବା ଇପିଏଫ ଟଙ୍କା କଲେଜ ଆକାଉଣ୍ଟରେ ଥିବା କହିବା ସହିତ ନିର୍ଦ୍ଦିଷ୍ଟ ଭାବେ ଇପିଏଫ ଆକାଉଣ୍ଟ ଖୋଲାଯାଇ ନ ଥିବା କହିଥିଲେ। ତେବେ ଇପିଏଫ ଟଙ୍କା କର୍ମଚାରୀଙ୍କ ଆକାଉଣ୍ଟରେ ଜମା ହେଉ ନ ଥିବାରୁ କର୍ମଚାରୀଙ୍କ ମନରେ ସନ୍ଦେହ ଜାତ ହୋଇଛି। ଇପିଏଫ କଟୁ ନ ଥିବାରୁ କର୍ମଚାରୀ ଭବିଷ୍ୟତ ପାଣ୍ଠିର ଟଙ୍କା ପାଇବା ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଇପିଏଫ ଟଙ୍କା ଜମା ହେଉନଥିବାରୁ କର୍ମଚାରୀ ଅବସର ପରେ ସେମାନଙ୍କୁ ଏହି ଟଙ୍କା ମିଳିବା ନେଇ ଆଇନଗତ ସମସ୍ୟା ଥିବା କୁହାଯାଉଛି। ଇପିଏଫ ଟଙ୍କା ଇପିଏଫ ଆକାଉଣ୍ଟରେ ଜମା ନ ହୋଇ କଲେଜ ପାଣ୍ଠିରେ କାହିଁକି ଜମା ରହିଛି ବୋଲି ଏହାର ତଦନ୍ତ କରାଯିବାକୁ ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ ବେହେରା ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯିବା ପରେ ଆଜି ତଦନ୍ତ ଆରମ୍ଭ ହୋଇଛି।

**ଭାଗବତ ମହାନ୍ତିଙ୍କ ସ୍ମୃତି ସମାରୋହ**

## 'ଭାଗବତ ବାବୁ ଥିଲେ ସମାଜବାଦୀ ଆନ୍ଦୋଳନର ଅନ୍ୟତମ ପ୍ରବକ୍ତା'




କେନ୍ଦ୍ରାପଡ଼ା,୭।୧୨(ସମିସ): ବିଶିଷ୍ଟ ଜନନାୟକ, ସର୍ବଜନପ୍ରିୟ ନେତା, ପ୍ରାକ୍ତନ ମନ୍ତ୍ରୀ ତଥା ଯଶସ୍ୱୀ ରାଜନେତା ଭାଗବତ ପ୍ରସାଦ ମହାନ୍ତିଙ୍କ ପଞ୍ଚମ ସ୍ମୃତି ଦିବସ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ସୁଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ସମାରୋହରେ ଲୋକସେବକ ମଣ୍ଡଳ ଓଡ଼ିଶା ଶାଖାର ମୁଖ୍ୟ ସଂଯୋଜକ ସୁରେଶ ଚନ୍ଦ୍ର ମନ୍ତ୍ରୀ, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ବିଶିଷ୍ଟ ଶିକ୍ଷାବିତ ଗନ୍ଧର୍ବ ନାୟକ ଓ ଆମେରିକାସ୍ଥ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମେରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ, ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ରବିନ୍ଦ୍ର କୁମାର ବଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ କହିଥିଲେ, ସ୍ୱର୍ଗତ ମହାନ୍ତି ଥିଲେ ସମାଜବାଦୀ ଆନ୍ଦୋଳନର ଅନ୍ୟତମ ପ୍ରବକ୍ତା। କେନ୍ଦ୍ରାପଡ଼ାରେ ଅର୍ବାନ ବ୍ୟାଙ୍କ, ଆଇନ କଲେଜ, ସରକାରୀ ବିଜ୍ଞାନ କଲେଜ, ବାଇପାସ ରାସ୍ତା, ସାତଭଉଣୀ ପୋଲ ଓ ଗଣ୍ଡାକିଆ ପୋଲ ନିର୍ମାଣ, ତିନିମୁହାଣିରେ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ, କଜଳାରେ ସ୍ୱର୍ଗଦ୍ୱାର ନିର୍ମାଣ ପ୍ରଭୃତି ତାଙ୍କର ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ। ଗୋଟିଏ ଶବ୍ଦରେ କହିବାକୁ ଗଲେ ଭାଗବତ ବାବୁ କେନ୍ଦ୍ରାପଡ଼ାର ବିକାଶ ପୁରୁଷ ଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କେନ୍ଦ୍ରାପଡ଼ା ପାଇଁ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏଥିସହିତ ସ୍ୱର୍ଗତ ମହାନ୍ତିଙ୍କ ଜୀବନାଦର୍ଶ, ସଂସ୍କାରମୂଳକ କାର୍ଯ୍ୟ, ସାମାଜିକ ତଥା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ।

ଜଣେ ଆଇନଜ୍ଞ ଭାବେ ଉଚ୍ଚମାନର ବିଚାରକ ଓ ବୁଦ୍ଧିଜୀବୀ ତିଆରି କରିବା ପାଇଁ ଏହି ଅଞ୍ଚଳର ସୁନାମଧନ୍ୟ ଆଇନଜୀବୀ ଦୀନବନ୍ଧୁ ସାହୁଙ୍କ ନାମରେ ଆଇନ ମହାବିଦ୍ୟାଳୟ ପ୍ରତିଷ୍ଠା କରି ଏହି ଜିଲ୍ଲାର ତଥା ଆଖପାଖ ଅଞ୍ଚଳର ବହୁ ଛାତ୍ରଛାତ୍ରୀଙ୍କୁ ଉଦବୁଦ୍ଧ କରିଯାଇଛନ୍ତି। ତାଙ୍କର ତ୍ୟାଗ, ନିଷ୍ଠା ଓ ପରୋପକାରିତା ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବା ସହ ପ୍ରେରଣା ପ୍ରଦାନ କରିବ ବୋଲି ଅତିଥିମାନେ କହିଥିଲେ। ଶ୍ରୀ ମହାନ୍ତିଙ୍କୁ ଜଣେ ବିଶିଷ୍ଟ ଜନନାୟକ ତଥା ସଚ୍ଚୋଟ ଓ ନୀତିନିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ ଭାବେ ଅତିଥିମାନେ ଅଭିହିତ କରିଥିଲେ। ଜଣେ ସଚ୍ଚୋଟ ଓ ଆଦର୍ଶ ଜନନେତା ଥିଲେ ବୋଲି କହିଥିଲେ। ସେ ଜଣେ ସାହସୀ, ସ୍ପଷ୍ଟବାଦୀ ଓ ଦୃଢମନା ନେତୃତ୍ୱର ଅଧିକାରୀ ଥିଲେ ବୋଲି ମତ ପ୍ରକାଶ ପାଇଥିଲା। ସାଂପ୍ରତିକ ରାଜନୀତିରେ ଭାଗବତ ବାବୁଙ୍କ ଆଦର୍ଶକୁ ଅନୁକରଣ କରାଗଲେ ପ୍ରକୃତ ଗଣତନ୍ତ୍ରର ମର୍ଯ୍ୟାଦା ରକ୍ଷା କରାଯାଇପାରିବ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଶ୍ରୀ ମହାନ୍ତିଙ୍କ ଜ୍ୟେଷ୍ଠପୁତ୍ର ଗୁରୁପ୍ରସାଦ ମହାନ୍ତି ଏହି ଉତ୍ସବରେ ଯୋଗଦେଇ ବାପାଙ୍କ ସମାଜ ପ୍ରତି ସେବାକୁ ମନେ ପକାଇଥିଲେ।

ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା ପରିଷଦ ସଭ୍ୟ ଗୌତମ କୁମାର ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅମ୍ରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଫକୀର ଚରଣ ଖଟୁଆ, ବିଜେଡି ନେତା ରବି ସାମଲ, ଡା. ବିଶ୍ୱପ୍ରକାଶ କାନୁନଗୋ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ସୁଶୀଲ ସାମଲ, ଅଧ୍ୟାପକ ଅଜୟ ରାଉତ, ବସନ୍ତ କୁମାର ସେଠୀ, ସଂଗ୍ରାମ ମଲ୍ଲିକ, ଆଇନଜୀବୀ ବିଦ୍ୟୁଭୂଷଣ ମହାପାତ୍ର, ରାଜକିଶୋର ମହାନ୍ତିଙ୍କ ସହିତ ବହୁ ଶିକ୍ଷାବିତ୍, ଆଇନଜୀବୀ, ରାଜନେତା ଓ ସମାଜସେବୀ ଉପସ୍ଥିତ ଥିଲେ।

## ଓୟୁଏଟି ନିର୍ମିତ ମାଣ୍ଡିଆ ଅମଳ ଓ ଚୋପା ଛଡ଼ା ଯନ୍ତ୍ରର ତାଲିମ କାର୍ଯ୍ୟକ୍ରମ



ଜଗତସିଂହପୁର, ୭।୧୨(ସମିସ): କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁର ପରିସରରେ ଗ୍ରାମୀଣ ଯୁବକ ଓ ଯୁବତୀଙ୍କ ନିମନ୍ତେ ଅମଳ ପରବର୍ତ୍ତୀ ପରିଚାଳନା ଓ ପ୍ରକ୍ରିୟାକରଣ ଉପରେ ଏକ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୃଷି ଓ ବୈଷୟିକ ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର ପକ୍ଷରୁ ପ୍ରଥମ ଦିନ ପ୍ରଫେସର୍ ଉମାଶଙ୍କର ପାଲ ଯୋଗଦେଇ ଅମଳ ପରବର୍ତ୍ତୀ ଫସଲର ଯତ୍ନ ଓ ବିଭିନ୍ନ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି ନିମନ୍ତେ ଆଲୋଚନା କରିଥିଲେ। ଦ୍ୱିତୀୟ ଦିନରେ ଓୟୁଏଟିସ୍ଥ ସର୍ବଭାରତୀୟ ସଂଯୋଜିତ ଯନ୍ତ୍ରପାତି ଗବେଷଣା ପ୍ରକଳ୍ପର ମୁଖ୍ୟ ଗବେଷକ ଡଃ ପ୍ରଦୀପ୍ତ କୁମାର ସାହୁ ଯୋଗଦେଇ ଓୟୁଏଟି ଦ୍ୱାରା ନିର୍ମିତ ମାଣ୍ଡିଆ ଅମଳ ଓ ସଫା କରିବା ଯନ୍ତ୍ରର ବ୍ୟବାହର ଉପରେ ଯୁବ ଚାଷୀଙ୍କୁ ତାଲିମ ଦେଇଥିଲେ। ଏହି ଯନ୍ତ୍ରଟି ଏକ ଅଶ୍ୱଶକ୍ତି କ୍ଷମତା ସମ୍ପନ୍ନ ଇଲେକ୍ଟ୍ରି ମୋଟର ସାହାଯ୍ୟରେ ଚାଲିଥାଏ। ଏହି ଯନ୍ତ୍ର ଦ୍ୱାରା ଘଣ୍ଟା ପ୍ରତି ୮୦-୯୦ କିଗ୍ରା ମାଣ୍ଡିଆ ଅମଳ କରାଯାଇପାରେ। ଏହାର ମୂଲ୍ୟ ଏକବର୍ଷ ୱାରେଣ୍ଟି ସହ ୮୯,୦୦୦ ଟଙ୍କା ଓ ତିନିବର୍ଷ ୱାରେଣ୍ଟି ସହ ୧,୧୨,୮୦୦ ଟଙ୍କା ରହିଛି। ଓଡ଼ିଶା ସରକାରଙ୍କ ତରଫରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିମନ୍ତେ ଏହି ଯନ୍ତ୍ର ଉପରେ ଶତକଡା ୭୫ ଭାଗ ରିହାତି ଓ ଅନ୍ୟାନ୍ୟ ବର୍ଗ ନିମନ୍ତେ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି। ଏହି ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁର କୃଷି ଯନ୍ତ୍ରପାତି ବୈଜ୍ଞାନିକ ଡ. ଦ୍ୱାରିକା ମୋହନ ଦାସ ପରିଚାଳନା କରିଥିଲେ ଓ ମାଣ୍ଡିଆ ଅମଳ ଯନ୍ତ୍ର ଚଳାଇ ଉପସ୍ଥିତ ଚାଷୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏ ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁରର ବିଶିଷ୍ଟ ବୈଜ୍ଞାନିକ ଓ ମୁଖ୍ୟ ଡ. ଜୀବନଜିତ୍ ସେନ୍ ଯୋଗଦେଇ ଅମଳ ପରବର୍ତ୍ତୀ ବିଭିନ୍ନ ଯନ୍ତ୍ରପାତିର ବ୍ୟବହାର ଓ ପ୍ରକ୍ରିୟାକାରଣ ଦ୍ୱାରା ଯୁବକ ଚାଷୀ ଭାଇ ଓ ଭଉଣୀମାନେ ଲାଭବାନ ହୋଇପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଜ୍ଞାନ ବୈଜ୍ଞାନିକ ସସ୍ମିତା ପୁରୋହିତ, ଫାର୍ମ ମ୍ୟାନେଜର ରବୀନ୍ଦ୍ର ପ୍ରଧାନ, ଡ. ବିଚ୍ଛିନ୍ନା ମୈତ୍ରି ରାଉତ, ସରିତା ଦାସ, ବିଜୟିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ବେଠାନି ସାମାଜିକ ଅନୁଷ୍ଠାନ, ପାରାଦୀପ ତରଫରୁ ବିଭିନ୍ନ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## କଇଁଛ ଅପସାରଣ ଯନ୍ତ୍ରର ବ୍ୟବହାର ସଚେତନତା ଶିବିର



ପାରାଦୀପ, ୭।୧୨ (ସମିସ): ଭୁବନେଶ୍ୱରସ୍ଥ ଏମପିଇଡିଏ-ନେଟଫିସ ଭୁବନେଶ୍ୱର ପକ୍ଷରୁ ଆଜି ପାରାଦୀପ ମାଛଧରା ବନ୍ଦର ପରିସରରେ କଇଁଛ ଅପସାରଣ ଯନ୍ତ୍ର (ଟେଡ୍)ର ବ୍ୟବହାର ପାଇଁ ଏକ ସଚେତନତା ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ଏଏଫଓ ରାଜ୍ୟ ମତ୍ସ୍ୟ ବିଭାଗର ବିଜୟ କୁମାର କର ଓ ସୁମନ୍ତ କୁମାର ବିଶ୍ୱାଳ ଓ ଓମ୍ଫାର ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ୩୦ ଜଣ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ। ପ୍ରଥମେ ସାମୁଦ୍ରିକ ସ୍ତନ୍ୟପାୟୀ ସୁରକ୍ଷା ଆଇନ, ସାମୁଦ୍ରିକ କଇଁଛଙ୍କ ଚିହ୍ନଟ ଓ ସଂରକ୍ଷଣ ଇତ୍ୟାଦି ସମ୍ପର୍କରେ ଉପସ୍ଥିତ ମତ୍ସ୍ୟ ବିଭାଗ ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ଏସ୍.କେ ମୋହପାତ୍ରା, ରାଜ୍ୟ ସଂଯୋଜକ, ଏମପିଇଡିଏ ଟ୍ରଲ୍ ଟେଡ୍‌ର କାର୍ଯ୍ୟକାରିତା ଉପରେ ବନ୍ଦର ସହିତ ଆଲୋଚନା କରିଛନ୍ତି। ଆମେରିକା ବଜାରକୁ ରପ୍ତାନି, ଟ୍ରେସେବିଲିଟି ଓ ଟେଡ୍ ଉପରେ ଗୁରୁତ୍ୱ ଦିଆଯିବ। ସମୁଦ୍ରରେ ଟ୍ରଲ ଜାଲରେ ମାଛ ଧରିବା ସମୟରେ ଅକସ୍ମାତ ସାମୁଦ୍ରିକ କଇଁଛ ମଧ୍ୟ ଧରାପଡନ୍ତି। ସେ ସମୟରେ ଏହି କଇଁଛଗୁଡିକ ସମୁଦ୍ର ଜଳରେ ଉପର ଭାଗକୁ ନିଶ୍ୱାସ ନେବା ପାଇଁ ସମ୍ଭବ ହୋଇ ନଥାଏ। ଯଦ୍ୱାରା ସେମାନେ ମୃତ୍ୟୁବରଣ କରିଥାନ୍ତି। ଏଭଳି କ୍ଷେତ୍ରରେ ଟ୍ରଲ ଜାଲରେ କଇଁଛ ଅପସାରଣ ଯନ୍ତ୍ରର ବ୍ୟବହାର ଦ୍ୱାରା କଇଁଛର ଆକସ୍ମିକ ଭାବେ ଏଭଳି ଟ୍ରଲ ଜାଲରେ ପଡିବା ଯଥା ସମ୍ଭବ କମ ହୋଇପାରିବ। କଇଁଛ ଅପସାରଣ ଯନ୍ତ୍ର (ଟେଡ଼) ଏକ ଯନ୍ତ୍ର ଯଦ୍ୱାରା ଟ୍ରଲର ଜାଲରେ କଇଁଛ ଯଦି ଧରାପଡେ, ତେବେ ପୁଣିଥରେ ବାହାରି ଯାଇପାରିବ। ଏହି କଇଁଛ ଅପସାରଣ ଯନ୍ତ୍ର ଟ୍ରଲ ଜାଲରେ ପଡୁଥିବା ମାଛ ଓ ଚିଙ୍ଗୁଡିକୁ ଜାଲର ଶେଷ ଭାଗରେ ଥିବା ବ୍ୟାଗ ଆଡକୁ ଯିବାକୁ ଦେଇଥାଏ। ଏହି ଟ୍ରେଡ୍ ବ୍ୟବହାର ଦ୍ୱାରା ବିଶେଷକରି କଇଁଛଙ୍କ ସୁରକ୍ଷା ହୋଇଥିବା କୁହାଯାଇଛି। ଟ୍ରଲ ଜାଲରୁ ସାମୁଦ୍ରିକ କଇଁଛ ଅପସାରଣ କରିଥାଏ। ମାଛଧରିବା ସମୟରେ ଟ୍ରଲ ଜାଲ ମୁହଁ ଅଧିକ ଖୋଲିବାରେ ମଧ୍ୟ ସାହାଯ୍ୟ କରେ। ଏଥିସହିତ ଚିଙ୍ଗୁଡ଼ି ଓ ମାଛ ଧରାର ମାନ ବୃଦ୍ଧି କରିଥାଏ। ଇନ୍ଧନ ବଞ୍ଚାଇବାରେ ମଧ୍ୟ ସହାୟତା ଯୋଗାଇ ଥାଏ।

### ବ୍ରାହ୍ମଣୀ ନଦୀପଠାରୁ ବେଆଇନ ବାଲି ଉଠାଣ

# ଭିଟାମାଟି ହରାଇବେ ୨ ହଜାର ପରିବାର



ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୭।୧୨(ସମିସ): ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଅଳପୁଆ ନଦୀପଠାରୁ ବେଆଇନ ବାଲି ଉଠାଣ ଅଭିଯୋଗ ହୋଇଛି। ସେତିକି ନୁହେଁ ନଦୀପଠାକୁ ତାଡି ହଜାର ହଜାର ଟ୍ରିପ ବାଲି ଓ ଧସା ବାଲି ମାଫିଆମାନେ ଜେସିବି ମାଧ୍ୟମରେ ଖୋଳି ନେଇଯିବାରୁ ଅଳପୁଆଡ଼ିଆ ଓ ତରଡ଼ିପାଳ ପଞ୍ଚାୟତର

**ଭାରୀଯାନ ଚଳାଚଳ ଯୋଗୁଁ ବିପଦରେ ବ୍ରାହ୍ମଣୀ ପୋଲ**

ରାମନାୟକଡ଼ିଆ ଗ୍ରାମ ପ୍ରତି ବିପଦ ସୃଷ୍ଟି କରିଛି। ବାଲି ଖୋଲା ହୋଇଯିବାରୁ ନଦୀପଠାରେ ଗଣ୍ଡ ସୃଷ୍ଟି ହୋଇଛି। ଏହି ଗଣ୍ଡରେ କୁମ୍ଭୀରମାନେ ଆସି ବାସ କରିବାକୁ ଲାଗିଲେଣି। କୁମ୍ଭୀର ଏଠାରେ ଛପି ରହି ମଣିଷ ଓ ଗୃହପାଳିତ ପଶୁଙ୍କୁ ଆକ୍ରମଣ କରୁଛନ୍ତି। ଏଠାରେ ଜଣେ ବ୍ୟକ୍ତିଙ୍କୁ କୁମ୍ଭୀର ଖାଇଥିବାବେଳେ ଗୋଟିଏ ବାଛୁରୀର ଜୀବନ ମଧ୍ୟ କୁମ୍ଭୀର ମୁହଁରେ ଯାଇଛି। ଏଠାରେ ସୈରାତ ନିଲାମ ନ ହୋଇ ବାଲି ଉଠୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି ଗଣ୍ଡ ସଦୃଶ ବ୍ରାହ୍ମଣୀ ନଦୀ ପଠାକୁ ଖୋଳାଯାଇଥିବାରୁ ନଦୀ ଗତି ପଥ ବଦଳାଇବାରେ ଲାଗିଛି। ଫଳରେ ଏଠାକାର ୨ ହଜାର ପରିବାର ଭିଟାମାଟି ହରାଇବା ନିଶ୍ଚିତ ହୋଇଯାଇଛି ବୋଲି ଅଭିଯୋଗ ହୋଇଛି।

ଅନ୍ୟପକ୍ଷରେ ବ୍ରାହ୍ମଣୀ ନଦୀବନ୍ଧ ଖରସ୍ରୋତା ଓ କାଣୀ ନଦୀବନ୍ଧ ମଧ୍ୟରେ ଥିବା ଏକ ମାତ୍ର ଦାମୋଦର ପାଟଣା-ଜଗନ୍ନାଥପୁର ରାସ୍ତା ଓ ବରୀଠାରୁ କଳସପୁର ପର୍ଯ୍ୟନ୍ତ ରାସ୍ତା ଉପରେ ନିର୍ଭର କରୁଥିବା ୧୫ଟି ପଞ୍ଚାୟତର ଲୋକେ ଦାଣ୍ଡିସାହି ନିକଟ ବ୍ରାହ୍ମଣୀ ନଦୀ ପୋଲ ଦେଇ କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, କଟକ, ଭୁବନେଶ୍ୱର ଆଦି ଅଞ୍ଚଳକୁ ଯାତାୟାତ କରନ୍ତି। ଉକ୍ତ ବ୍ରାହ୍ମଣୀ ପୋଲଟି ଅଞ୍ଚଳବାସୀଙ୍କ ପାଇଁ ଏକମାତ୍ର ବିକଳ୍ପ ହୋଇଥିବାବେଳେ ସମଗ୍ର ଧୋୟାଞ୍ଚଳ ଲୋକଙ୍କ ଏହା ଜୀବନରେଖା ବୋଲି କୁହାଯାଇପାରେ। ତେବେ ଦୈନିକ ହଜାର ହଜାର ସଂଖ୍ୟାରେ ବେଆଇନ ବାଲି ବୋଝେଇ ଟ୍ରକ୍ ଓ ହାଇୱା ପୋଲରେ ଯାତାୟାତ କରିବା ଫଳରେ ପୋଲର ଉପରିଭାଗ ନଷ୍ଟ ହେବାକୁ ବସିଲାଣି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ବ୍ରାହ୍ମଣୀ ପୋଲ ଏବେ ବିପଦସଙ୍କୁଳ ଅବସ୍ଥାରେ ପହଞ୍ଚିଲାଣି ବୋଲି ଅଭିଯୋଗ ହୋଇଛି। ପୁନଶ୍ଚ ଭାରି ଯାନ ଦ୍ରୁତଗତିରେ ଯାତାୟତ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଦେଇ ସାଧାରଣ ଲୋକ ଓ ସ୍କୁଲ କଲେଜ ପିଲା ଯିବାକୁ ଭୟ କରୁଛନ୍ତି। ଅତୀତରେ ସ୍ଥାନୀୟ ମାଳତୀ ଦେବୀ ବାଳିକା ବିଦ୍ୟାଳୟ ନିକଟରେ ଗାଡ଼ି ଧକ୍କାରେ ଜଣେ ମୃତ୍ୟୁବରଣ କରିଥିଲେ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ବିଦ୍ୟାଧର ନାୟକ, ଦୟାନିଧି ବିଶ୍ୱାଳ, ଗୋପୀନାଥ ଦାସ, ଚତୁର୍ଭୁଜ ସୂତାର, ଧନେଶ୍ୱର ପ୍ରଧାନ, କୈଳାସ ସେଠୀ, ଶଶାଙ୍କ ଶେଖର ବିଶ୍ୱାଳ, ନିରଞ୍ଜନ ବିଶ୍ୱାଳ, ଭାରତ ଚନ୍ଦ୍ର ଦାଶ, ଗୁରୁଚରଣ ନାଥଶର୍ମା, ପ୍ରକାଶ ଚନ୍ଦ୍ର ଦାସ, କେଦାରନାଥ ମଲ୍ଲିକ, ପ୍ରତାପ ଚନ୍ଦ୍ର ବିଶ୍ୱାଳ, ଦେବବ୍ରତ ନାଥଶର୍ମା, ଅଶୋକ ସାହୁ, ରବୀନ୍ଦ୍ର ପରିଡା, ଗୋବିନ୍ଦ ଚନ୍ଦ୍ର ଦାଶ, କୈଳାସ ଚନ୍ଦ୍ର ଦାସ ସୂଚନା ଦେବା ସହିତ ଜିଲ୍ଲା ପ୍ରଶାସନ ବେଆଇନ ବାଲି ଉଠାଣ ଉପରେ ରୋକ ନ ଲଗାଇଲେ ଅଞ୍ଚଳବାସୀ ବାଧ୍ୟ ହୋଇ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ




ଜଗତସିଂହପୁର, ୭।୧୨(ସମିସ): ସାରା ପୃଥିବୀରେ ବର୍ଷକୁ ପ୍ରାୟ ୧ କୋଟି ଲୋକ ଯକ୍ଷ୍ମାରେ ପୀଡ଼ିତ ହେଉଥିବାବେଳେ ଭାରତରେ ପ୍ରାୟ ୨୬ ଲକ୍ଷରୁ ଅଧିକ ରୋଗୀ ପ୍ରତିବର୍ଷ ବାହାରିଥା'ନ୍ତି। ୨୦୨୫ ସୁଦ୍ଧା ଯକ୍ଷ୍ମା ମୁକ୍ତ ଭାରତ କରିବାକୁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲା ସ୍ତରରେ ଏକଶତ ଦିବସୀୟ ଅଭିଯାନକୁ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଶନିବାର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ଅଧିକରୁ ଅଧିକ ଯକ୍ଷ୍ମା ରୋଗୀ ଚିହ୍ନଟ କରିବା, ମୃତ୍ୟୁହାର କମାଇବା ଓ ନୂଆ ରୋଗୀ ସଂଖ୍ୟାକୁ ରୋକିବା। ୭ ଡିସେମ୍ବର ୨୦୨୪ରୁ ୧୭ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଥିଲେ। ଏ ଉପଲକ୍ଷେ ଦୁଇଟି ସଚେତନତା ରଥକୁ ବିଧାୟକ ଶ୍ରୀ ଦାସ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ରଘୁନାଥ ନାୟକ ତଥା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। 'ଯକ୍ଷ୍ମା ହାରିବ, ଦେଶ ଜିତିବ' ସ୍ଲୋଗାନ ସହ ଏହି ନିରନ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ସମାଜରୁ ଯକ୍ଷ୍ମାର ଲକ୍ଷଣ ଥିବା ବ୍ୟକ୍ତି ଓ ତତ୍‌ସହିତ ବିପଦ ସଙ୍କୁଳ ଗୋଷ୍ଠୀ ଯଥା ୬୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି, ଅପପୃଷ୍ଟିର ଶିକାର ବ୍ୟକ୍ତି, ମଧୁମେହ ରୋଗୀ, ଏଚଆଇଭିରେ ପୀଡ଼ିତ ବ୍ୟକ୍ତି, ନିଶା ବା ମଦ୍ୟପାନ କରୁଥିବା ବ୍ୟକ୍ତି ଓ ଯକ୍ଷ୍ମା ରୋଗୀର ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି, ଯେଉଁଙ୍କ ଯକ୍ଷ୍ମା ହେବାର ସମ୍ଭାବନା ଅଧିକ ଆଶଙ୍କା ଥାଏ ସେମାନଙ୍କର ରୋଗ ଚିହ୍ନଟ ଓ ଚିକିତ୍ସା କରିବା ଏହି ଅଭିଯାନର ଉଦ୍ଦେଶ୍ୟ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରକାଶ କରିଛନ୍ତି।

## ନଳକୂପ ଚୋରି ଅଭିଯୋଗ

ପାରାଦୀପ, ୭।୧୨ (ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ଅଧୀନ ଗୋବିନ୍ଦପୁର ମଙ୍ଗଳାପଡା ସାହି ନିକଟରୁ ଜେଏସଡବ୍ଲ୍ୟୁର ଏକ ନଳକୂପ ଚୋରି ହେବା ନେଇ ଅଭିଯୋଗ ହୋଇଛି। ଅଭିଯୋଗକାରୀ ଜେଏସଡବ୍ଲ୍ୟୁ ସୁକ୍ୟୁରିଟି ଅଫିସର ଜାମିନିକାନ୍ତ ଗୋସ୍ୱାମୀ। ଗତକାଲି ରାତିରେ କେହି ଦୁର୍ବୃତ୍ତ ବୋରିଂ ସହ ପାଇପଗୁଡିକୁ ଉଠାଇ ନେଇଯାଇଥିବା ଜଣାପଡିଛି। ଏ ନେଇ ଅଭୟଚାନ୍ଦପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ମାମଲା ରୁଜୁ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ବନବିହାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୁଜଙ୍ଗ, ୭।୧୨(ସମିସ): କୁଜଙ୍ଗ ବନବିହାରୀ ଉଚ୍ଚ ବିଦ୍ୟାଳୟର ୧୨୪ତମ ବାର୍ଷିକ ଉତ୍ସବ ବିଧିବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଅବସରରେ କୃତି ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍କୁଲ ପରିସରରେ ଥିବା ବିଦ୍ୟାଳୟ ପ୍ରତିଷ୍ଠାତା ଓ ବିଭିନ୍ନ ସମୟର ପ୍ରଧାନଶିକ୍ଷକ, ଶିକ୍ଷକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଉତ୍ସବ ଆରମ୍ଭ ହୋଇଥିଲା। ଶତାୟୁ ଶିକ୍ଷାନୁଷ୍ଠାନ ବନବିହାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା କୁଜଙ୍ଗ ବ୍ଲକ ବିଇଓ ମନୋଜ କୁମାର ବେହେରା ସଭାପତିତ୍ୱ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥଲେ। ମୁଖ୍ୟଅତିଥି ଭାବେ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ବନବିହାରୀ ଉଚ୍ଚ ବିଦ୍ୟାଳୟର ଗାରିମାମୟ ଇତିହାସକୁ ବର୍ଣ୍ଣନା କରିଥଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ଉପେନ୍ଦ୍ର ନାଥ ମିଶ୍ର, ପ୍ରାକ୍ତନ ଛାତ୍ର ଡଃ ସନ୍ଦୀପ କୁମାର ସାମଲ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ପ୍ରବଚିକା କଳ୍ପନା ତ୍ରିପାଠୀ, ପିପିଏଲ୍ ସିଏସଆର ମୁଖ୍ୟ ଓମ୍ ପ୍ରକାଶ ସାହୁ, ପ୍ରାକ୍ତନ ଛାତ୍ର ନୀଳାଦ୍ରି ବିହାରି ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ବିନୋଦ ବିହାରୀ ମୁଦୁଲି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପରିଚାଳନା କମିଟି ସଭାପତି ଡଃ ପ୍ରବୀର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବର୍ଷୀୟାନ ରାଜନେତା ସୁରେନ୍ଦ୍ର ମହାନ୍ତିଙ୍କ ପରଲୋକ



ବାଲିକୁଦା, ୭।୧୨(ସମିସ): ବାଲିକୁଦା ବ୍ଲକର ବର୍ଷିଆନ ରାଜନେତା ତଥା ବିଜୁବାବୁଙ୍କ ଏକାନ୍ତ ଅନୁଗତ, ବରିଷ୍ଠ ରାଜନେତା ତଥା ବାଲିକୁଦା ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ମହାନ୍ତିଙ୍କ ୮୧ ବର୍ଷ ବୟସରେ ବିୟୋଗ ଘଟିଛି। ସେ ଜଗତସିଂହପୁର ଜିଲ୍ଲାରେ ଜଣେ ସଚ୍ଚୋଟ ରାଜନେତା, ସ୍ପଷ୍ଟବାଦୀ ଓ ନିର୍ଭିକ ରାଜନେତା ଭାବେ ପରିଚିତ ଥିଲେ। ଅବିଭକ୍ତ ଅପଣ୍ଡରା, ଖାଲଗାଁ ପଞ୍ଚାୟତର ସରପଞ୍ଚ ଭାବେ ୧୯୮୨ରୁ ୧୯୮୭ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ଅଣକଂଗ୍ରେସ ରାଜନୀତିରେ ବିଶ୍ୱାସ ରଖୁଥିବା ସୁରେନ୍ଦ୍ର ବାଲିକୁଦା ବ୍ଲକରୁ ଜନତା ଦଳ ସମର୍ଥିତ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ରାଜନୀତି ମାଧ୍ୟମରେ ଜନସେବା ପାଇଁ ଶେଷ ଜୀବନ ପର୍ଯ୍ୟନ୍ତ ବିବାହ ନ କରି ବେଶ ଚର୍ଚ୍ଚାରେ ଥିଲେ। ତାଙ୍କର ଏଭଳି ଲୋକପ୍ରିୟତା ଥିଲା ଯେ ସେ ୨୨ଟି ନିର୍ବାଚନ ଲଢ଼ିଥିଲେ ମଧ୍ୟ ଗୋଟିଏ ବି ଟଙ୍କା ଖର୍ଚ୍ଚ ନ କରି ସରପଞ୍ଚ ଓ ବ୍ଲକ ଅଧ୍ୟକ୍ଷ ହୋଇପାରିଥିଲେ। ୧୯୯୨ରେ ବିଜୁବାବୁଙ୍କ ସରକାର ସମୟରେ ବାଲିକୁଦା ବ୍ଲକ୍ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିବାବେଳେ ୧୯୯୫ରେ ଜନତା ଦଳ ସରକାର ପତନ ପରେ ସେ ବ୍ଲକ ଅଧ୍ୟକ୍ଷ ପଦ ଛାଡ଼ି ଦେଇଥିଲେ।

ସାଲିସ ବିହୀନ ରାଜନୀତି କରୁଥିବାବେଳେ ଲୋକଙ୍କ ସମସ୍ୟା ପାଇଁ ସର୍ବଦା ସ୍ୱର ଉତ୍ତୋଳନ କରୁଥିଲେ। ଜମିଦାର ପରିବାରରୁ ଆସିଥିଲେ ମଧ୍ୟ ସାଧାରଣ ଜୀବନ ଶୈଳୀ ପାଇଁ ସେ ଅନେକଙ୍କ ଆଦର୍ଶ ଥିଲେ। ବିବାହ କରି ନ ଥିବା କାରଣରୁ ଶେଷ ଜୀବନ ଭୁବନେଶ୍ୱରର ଏକ ଜରାଶ୍ରମରେ କାଟିଥିଲେ। ସେଠାରେ ଶୁକ୍ରବାର ରାତି ୧୧ଟା ୩୦ ମିନିଟ ସମୟରେ ତାଙ୍କର ପରଲୋକ ହୋଇଥିଲା। ସେ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ରାଜନୈତିକ ପରାମର୍ଶଦାତା ଭାବେ ନିର୍ବାଚନ ପରିଚାଳନା କରିଥିଲେ। ନିଜ ରାଜନୈତିକ ଜୀବନର ଶେଷ ପର୍ଯ୍ୟନ୍ତ ଅଣକଂଗ୍ରେସ ରାଜନୀତିରେ ବିଶ୍ୱାସ କରୁଥିବା ସୁରେନ୍ଦ୍ର ଜନତା ଦଳ ଓ ବିଜୁ ଜନତା ଦଳର ପ୍ରତିଷ୍ଠାତା ସଦସ୍ୟ, ଜିଲ୍ଲା ବିଜେଡି ଉପସଭାପତି ଓ ବାଲିକୁଦା ବ୍ଲକ୍ ବିଜେଡି ସଭାପତି ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ କନିଷ୍ଠ ଭ୍ରାତା ନଗେନ ମହାନ୍ତି ମୁଖାଗ୍ନି ଦେଇଥିଲେ। ବାଲିକୁଦାର ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର ଶେଷ ଦର୍ଶନ କରିବା ସହ ବାଲିକୁଦା ରାଜନୀତିରେ ଏକ ଯୁଗର ଅବସାନ ଘଟିଲା ବୋଲି କହିଥିଲେ। ତାଙ୍କ ବିୟୋଗରେ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ବବିତା ସ୍ୱାଇଁ, ମାଳମରିଚପୁର ଉନ୍ନୟନ ପରିଷଦ ସଭାପତି ସୁବାସ ନାୟକ, ସମ୍ପାଦକ ସତ୍ୟବ୍ରତ ବିଶ୍ୱାଳ, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ସ୍ୱାଇଁ, ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ପଲ୍ଲୀ ସ୍ୱାସ୍ଥ୍ୟ ଶିକ୍ଷାକେନ୍ଦ୍ର ସ୍ଥାନାନ୍ତର ବିବାଦ

# ଅଡୁଆରେ ବିଧାୟକ, ମନ୍ତ୍ରୀଙ୍କୁ ଭେଟି ଦୁଃଖ ଜଣାଇଲେ



ଜଗତସିଂହପୁର, ୭।୧୨(ସମିସ): ଜିଲ୍ଲାର ସଦର ମହକୁମାରେ ଥିବା ପଲ୍ଲୀ ସ୍ୱାସ୍ଥ୍ୟ ଶିକ୍ଷାକେନ୍ଦ୍ର ଅନ୍ୟତ୍ର ସ୍ଥାନାନ୍ତର ପାଇଁ ହୋଇଥିବା ସରକାରୀ ନିଷ୍ପତ୍ତି ଜଣାପଡ଼ିବା ପରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜଗତସିଂପୁର ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ଏହି ସ୍ଥାନାନ୍ତର ବିରୋଧରେ ଆନ୍ଦୋଳନ ପାଇଁ ଡକରା ଦିଆଯାଇଛି। ବିଜେପି ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ନିଜ ନିର୍ବାଚନମଣ୍ଡଳୀରେ ଅକଳରେ ପଡ଼ିଥିବା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଶେଷରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସାକ୍ଷାତ କରି ଆଲୋଚନା କରିଥିବା ଜଣାପଡିଛି। ଜଗତସିଂହପୁର ଜିଲ୍ଲାରେ ମେଡ଼ିକାଲ କଲେଜ ସ୍ଥାପନ ହୋଇ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଏହି ପଲ୍ଲୀ ସ୍ୱାସ୍ଥ୍ୟ ଶିକ୍ଷାକେନ୍ଦ୍ରକୁ ସ୍ଥାନାନ୍ତର ନ କରିବାକୁ ବିଧାୟକଙ୍କ ଅନୁରୋଧକୁ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଗ୍ରହଣ କରିଥିବା ବିଧାୟକ ଶ୍ରୀ ଦାସ ଶନିବାର ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

ସୂଚନା ମୁତାବକ, ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ବିଧାନସଭାରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଜଗତସିଂହପୁର ଜିଲ୍ଲାରେ ଥିବା ପଲ୍ଲୀ ସ୍ୱାସ୍ଥ୍ୟ ଶିକ୍ଷାକେନ୍ଦ୍ର ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲର ପ୍ରଶିକ୍ଷଣ କେନ୍ଦ୍ର। ଯାହାକି ଜଗତସିଂହପୁର ଜିଲ୍ଲାରେ ଅବସ୍ଥିତ ବୋଲି କହିଥିଲେ। ପୂର୍ବରୁ ଜଗତସିଂହପୁର ଜିଲ୍ଲା କଟକ ଜିଲ୍ଲାରେ ଅନ୍ତର୍ଭୁକ୍ତ ଥିଲା। ଏହା କଟକଠାରୁ ୪୫ କିଲୋମିଟର ଦୂରରେ ଅବସ୍ଥିତ ଥିବା ସମୟରେ ନ୍ୟାସନାଲ ମେଡିକାଲ କମିଶନଙ୍କ ନିୟମାନୁଯାୟୀ ପଲ୍ଲୀ ସ୍ୱାସ୍ଥ୍ୟ ଶିକ୍ଷାକେନ୍ଦ୍ର ଉକ୍ତ ମେଡ଼ିକାଲ କଲେଜଠାରୁ ୩୦ କିଲୋମିଟର ଦୂରତା ମଧ୍ୟରେ ଅବସ୍ଥିତ ରହିବା ଆବଶ୍ୟକ। ତେଣୁ ଜଗତସିଂହପୁରର ଜିଲ୍ଲାରେ ଅବସ୍ଥିତ ପଲ୍ଲୀ ସ୍ୱାସ୍ଥ୍ୟ ଶିକ୍ଷାକେନ୍ଦ୍ରକୁ କଟକଠାରୁ ୩୦ କିଲୋମିଟର ଦୂରତା ମଧ୍ୟରେ ଅନ୍ୟଏକ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସରକାର ବିହିତ ପଦକ୍ଷେପ ଗ୍ରହଣ କରୁଥିବା କହିଥିଲେ। ଏ ସମ୍ପର୍କରେ ଜଣାପଡ଼ିବା ପରେ ଏହାକୁ ନେଇ ଜଗତସିଂପୁରରେ ଗଭୀର ଉଦବେଗ ପ୍ରକାଶ ପାଇଥିଲା। ଏପରିକି ସରକାରଙ୍କ ଏହି ନିଷ୍ପତ୍ତିକୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ କରିଆସୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ପୁଣି ଆନ୍ଦୋଳନ ପାଇଁ ଡକରା ଦିଆଯିବା ସହିତ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ତେବେ ନିର୍ବାଚନ ସମୟରେ ଜଗତସିଂହପୁରରେ ମେଡିକାଲ କଲେଜ ପ୍ରତିଷ୍ଠାକୁ ନେଇ ହୋଇଥିବା ଉକ୍ତ ଆନ୍ଦୋଳନକୁ ସମର୍ଥନ ଦେଇ ନିର୍ବାଚନ ବୈତରଣୀ ପାରି ହୋଇଥିବା ବିଧାୟକ ଅମରେନ୍ଦ୍ର ଏହାକୁ ନେଇ ଅକଳରେ ପଡିବା ପରେ ବୃଦ୍ଧି ପାଉଥିବା ଅସନ୍ତୋଷକୁ ଦୂର କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଲିଖିତ ଦାବି କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ନିର୍ବାଚନ ପୂର୍ବରୁ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନକୁ ଏକ ସାତ ପୃଷ୍ଠା ବିଶିଷ୍ଟ ଲିଖିତ ପ୍ରତିଶ୍ରୁତି ଦେଇ ଅଭିଯାନର ସମର୍ଥନ ହାସଲ କରିଥିବା ବିଧାୟକ ଅମରେନ୍ଦ୍ର ନିର୍ବାଚନ ଜିତିବାର ୭ ମାସ ମଧ୍ୟରେ ଥରେ ହେଲେ ଭେଟି ନ ଥିବା ଓ ଅଭିଯାନ ସହିତ କୌଣସି ସମ୍ପର୍କ ରଖି ନ ଥିବା ସୂଚନା ମିଳିଛି।

## 'ଚିନ୍ତା ଓ ଚେତନାରେ ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର

ଜଗତସିଂହପୁର, ୭।୧୨(ସମିସ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଜଗତସିଂହପୁର ଜିଲ୍ଲା ଶାଖା ଆନୁକୂଲ୍ୟରେ ଆୟୋଜିତ ମାସିକ ଆଭାସୀ ଭକ୍ତି ଶକ୍ତି ଓ ସଂସ୍କୃତି ପାଠଚକ୍ର ମାଳାର ୪୭ତମ ପ୍ରସଙ୍ଗ "ଚିନ୍ତା ଓ ଚେତନାରେ ଶ୍ରୀଜଗନ୍ନାଥ' ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଂସଦର ଯୁଗ୍ମସମ୍ପାଦିକା ପ୍ରିୟତମା ସାହୁ ଓଁକାର ବନ୍ଦନା ଗାନ କରିଥିଲେ। ସମ୍ପାଦକ ଗୋପାଳକୃଷ୍ଣ ମିଶ୍ର ବିବେକବାଣୀ ପାଠ କରିଥିଲେ। ସାହିତ୍ୟିକ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତା ଓ ମୋ ଗାଁ ପରିଷଦ, ପୂର୍ବ ସଂଭାଗ, ଓଡିଶାର ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ପାଠଚକ୍ରର ବରେଣ୍ୟ ଆଲୋଚକ ଭାବେ ନାଇଜର କୁଳସଚିବ ତଥା ଜଗନ୍ନାଥ ସଂସ୍କୃତିର ଗବେଷକ ଡକ୍ଟର ଅଭୟ କୁମାର ନାୟକ ଯୋଗଦେଇ ପ୍ରତିଟି ପ୍ରାଣୀର ଶିରାପ୍ରଶିରାରେ, ଧମନୀରେ, ନିଶ୍ୱାସପ୍ରଶ୍ୱାସରେ, ଚିନ୍ତା ଚେତନାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସଂସ୍କୃତି ପ୍ରବାହିତ। ତା'ର ଜୀବନଶୈଳୀ ଓ ଜୀବନ ଦର୍ଶନରେ ଏହି ମହନୀୟ ସଂସ୍କୃତି ପ୍ରତିଫଳିତ ବୋଲି ଦର୍ଶାଇଥିଲେ। ସବୁ ମତ, ସବୁ ତନ୍ତ୍ର, ସବୁ ପଥ ତାଙ୍କଠାରୁ ବାହାରି ତାଙ୍କରିଠାରେ ହିଁ ବିଲୀନ ହୋଇଥାଏ। ଶ୍ରୀଜଗନ୍ନାଥ ଆମ ଅସ୍ମିତାର ଅଙ୍ଗ ଓ ଆତ୍ମା। ସେ ଆମ ସ୍ଥିତି, ବ୍ୟାପ୍ତି, ଦୀପ୍ତି ଓ ଦ୍ୟୁତିର ଶୀର୍ଷ ନିୟାମକ ଓ ସେ ହେଉଛନ୍ତି ସକଳ ବିଦ୍ୱେଷ ଓ ସମତାର ଅପୂର୍ବ ନିଦର୍ଶନ। ପାଠଚକ୍ରର ଶେଷଭାଗରେ ସଂସଦର କୋଷାଧ୍ୟକ୍ଷ ଅବନୀକାନ୍ତ ମହାରଣା ଧନ୍ୟବାଦ ଅର୍ପଣ କରିଥିବାବେଳେ ସୌଭାଗ୍ୟ ମଞ୍ଜରୀ ମିଶ୍ର ଶାନ୍ତିପାଠ କରିଥିଲେ। ଏହାପରେ ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା।

